# NATIONAL NEWS BULLETIN (ODIA)
## 22nd January - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ବେଟି ବଚାଓ-ବେଟି ପଢ଼ାଓ ଅଭିଯାନର ଆଜି ପାଳନ କରାଯାଉଛି ଦଶମ ବାର୍ଷିକୀ ।

- ଦିଲ୍ଲୀ ବିଧାନସଭା ନିର୍ବାଚନ ପ୍ରସ୍ତୁତି ନେଇ ଦଳୀୟ କର୍ମୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।

- ଓଡ଼ିଶାର ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍ ସଦସ୍ୟଙ୍କ ଆପତ୍‌କାଳୀନ ଭତ୍ତା ବୃଦ୍ଧି କଲେ ରାଜ୍ୟ ସରକାର ।

- ଇଣ୍ଡୋନେସିଆରେ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୧୮କୁ ବୃଦ୍ଧି ।

ଏବଂ

- ଭାରତ-ଇଂଲଣ୍ଡ ମଧ୍ୟରେ କୋଲ୍‌କାତାରେ ଆଜି ଖେଳାଯିବ ପଞ୍ଚଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ।

# ବେଟି ବଚାଓ - ବେଟି ପଢ଼ାଓ

ବେଟି ବଚାଓ-ବେଟି ପଢ଼ାଓ ଅଭିଯାନର ଆଜି ଦଶମ ବାର୍ଷିକୀ ପାଳନ କରାଯାଉଛି । ନୂଆଦିଲ୍ଲୀରେ ଏହି ଅବସରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିରେ ସଶସ୍ତ୍ର ବାହିନୀ, ଅର୍ଦ୍ଧସାମରିକ ବାହିନୀ, ଦିଲ୍ଲୀ ପୁଲିସ୍, ଛାତ୍ରୀ ଏବଂ ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଯୋଗଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଯୋଜନାର ଦଶମ ବର୍ଷିକୀ ମାର୍ଚ୍ଚ ୮ ତାରିଖ ଆର୍ନ୍ତଜାତିକ ମହିଳା ଦିବସ ପର୍ଯ୍ୟନ୍ତ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ଦେଶରେ ଲିଙ୍ଗଗତ ସନ୍ତୁଳନକୁ ବଜାୟ ରଖିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୨୦୧୫ ଜାନୁଆରୀ ୨୨ ତାରିଖରେ ହରିଆଣାର ପାନିପଥଠାରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ଶୁଭାରମ୍ଭ କରିଥିଲେ ।

ଇତିମଧ୍ୟରେ ଏହି ଯୋଜନା ଉଲ୍ଲେଖନୀୟ ସଫଳତା ହାସଲ କରିଛି । ୨୦୧୪-୧୫ରେ ଲିଙ୍ଗଗତ ଅନୁପାତ ୯୧୮ ଥିବାବେଳେ ଗତ ଆର୍ଥିକ ବର୍ଷରେ ଏହା ୯୩୦କୁ ବୃଦ୍ଧି ପାଇଛି । ମାଧ୍ୟମିକ ସ୍ତରରେ କନ୍ୟା ସନ୍ତାନଙ୍କ ନାମଲେଖା ୭୫ ଦଶମିକ ୫/୧ ପ୍ରତିଶତରୁ ବୃଦ୍ଧି ପାଇ ୭୮ ପ୍ରତିଶତରେ ପହଞ୍ଚିଛି ।

## ସୁକନ୍ୟା ସମୃଦ୍ଧି ଆକାଉଣ୍ଟ

ସମଗ୍ର ଦେଶରେ ୪ କୋଟିରୁ ଅଧିକ ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ଖୋଲା ଯାଇଛି । 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନର ଏକ ଅଂଶ ସ୍ୱରୂପ ଏହି ଆକାଉଣ୍ଟରେ ଅଭିଭାବକ ସର୍ବନିମ୍ନ ୨୫୦ ଟଙ୍କା  ଦାଖଲ କରି ଜମାଖାତା ଖୋଲିପାରିବେ । ଅର୍ଥମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଯୋଜନାରେ ବାର୍ଷିକ ୮ ଦଶମିକ୍ ୨ ପ୍ରତିଶତ ସୁଧ ପ୍ରଦାନ କରାଯାଉଛି । କନ୍ୟା ସନ୍ତାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଅନ୍ତର୍ଭୁକ୍ତୀକରଣ ଓ ମହିଳା ସଶକ୍ତୀକରଣକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଯୋଜନା ପ୍ରବର୍ତ୍ତନ କରାଯାଇଛି ।

## ପି.ଏମ୍. - ଦିଲ୍ଲୀ ବି.ଜେ.ପି. ୱାର୍କର୍ସ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତିର ଏକ ଅଂଶସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦଳୀୟ କର୍ମୀଙ୍କ ସହ ଆଜି ଆଲୋଚନା କରିବେ । "ମେରା ବୁଥ୍ ସବ୍ ସେ ମଜବୁତ୍" ସ୍ଲୋଗାନ ସହ ନମୋ ଆପ୍ ମାଧ୍ୟମରେ ଏହି ଆଲୋଚନା ଅନୁଷ୍ଠିତ ହେବ । ନମୋ ଆପ୍‌ର ରାଷ୍ଟ୍ରୀୟ ସଂଯୋଜକ ତଥା ଦଳୀୟ ନେତା କୁଲଜିତ ସିଂହ ଚହଲ ଏ ସମ୍ପର୍କରେ ସୂଚନା

ଦେଇ କହିଛନ୍ତି, ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଆଜି ବୁଥ୍‌ସ୍ତରୀୟ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିବେ । ଦିଲ୍ଲୀର ସମସ୍ତ ୨୫୬ଟି ୱାର୍ଡ଼ର ୧୩ ହଜାର ୩୩ଟି ବୁଥ୍‌ର ଦଳୀୟ କର୍ମୀ ଭିଡ଼ିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କେତେକ ଦଳୀୟ କର୍ମୀଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତାମାସ ୫ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଛି ।

## ଓଡ଼ିଶା ସି.ଏମ୍. ଏସ୍.ଓ.ଜି.

ଓଡ଼ିଶାର ନୂଆପଡ଼ା ଜିଲ୍ଲା ଛତିଶଗଡ଼ ସୀମାନ୍ତ କୁଲାରିଘାଟ ଅଞ୍ଚଳରେ ସ୍ୱତନ୍ତ୍ର ଅପରେସନ୍ ଗ୍ରୁପ୍ - ଏସ୍.ଓ.ଜି.ର ସଫଳତାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଅପରେସନ୍‌ରେ ୧୪ ଜଣ ମାଓବାଦୀ ନିହତ ହୋଇଛନ୍ତି । ଭବିଷ୍ୟତ୍‌ରେ ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଏହି ଅଭିଯାନର ସଫଳତା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଏସ୍.ଓ.ଜି. କର୍ମଚାରୀଙ୍କ ମାସିକ ଆପତ୍‌କାଳୀନ ଭତ୍ତା ୮ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ଏସ୍.ଓ.ଜି. ଯବାନଙ୍କ ସାହସିକତା ଏବଂ ସମର୍ପଣକୁ ସ୍ୱୀକୃତିସ୍ୱରୂପ

ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ନିହତ ହୋଇଥିବା ୧୪ ଜଣ ମାଓବାଦୀଙ୍କ ମଧ୍ୟରେ ସି.ପି.ଆଇ. ଗୋଷ୍ଠୀର ୫ ଜଣ ମହିଳା ସଦସ୍ୟ ଏବଂ କେନ୍ଦ୍ରୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ରହିଥିବା ପୁଲିସ୍ ସୂଚନା ଦେଇଛି । ଏହି ଆନ୍ତଃରାଜ୍ୟ ମିଳିତ ଅଭିଯାନରେ ଓଡ଼ିଶା ଏସ୍.ଓ.ଜି., ଛତିଶଗଡ଼ ପୁଲିସ୍ ଏବଂ ସି.ଆର୍.ପି.ଏଫ୍. ଯବନା ସାମିଲ୍ ହୋଇଛନ୍ତି ।

## ଗଡ଼କରୀ - ଗୋଆ

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଗତକାଲି ଗୋଆରେ ବିଭିନ୍ନ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଗୋଆରେ କ୍ରୁଜ୍ ପର୍ଯ୍ୟଟନ ଏବଂ ଆମଦାନୀ ଓ ରପ୍ତାନୀ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହି ପ୍ରକଳ୍ପଗୁଡ଼ିକ ସହାୟକ ହେବ ବୋଲି ମନ୍ତ୍ରୀ ଏହି ଅବସରରେ କହିଛନ୍ତି । ରାଜପଥ କଡ଼ରେ ଚାରାରୋପଣ ମାଧ୍ୟମରେ ପରିବେଶ ପ୍ରଦୂଷଣ ପ୍ରତିହତ କରିବା ଲକ୍ଷ୍ୟରେ କାର୍ଯ୍ୟ କରିବାକୁ ଶ୍ରୀ ଗଡ଼କରୀ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ଗୋଆର ବିକାଶ ପାଇଁ ଆଗାମୀ ୨୫ ବର୍ଷ ଲାଗି ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱାନ୍ତ  ଏହି ଅବସରରେ ସୂଚାନ ଦେଇଛନ୍ତି ।

## ଡିଫେନ୍ସ ମିନିଷ୍ଟର - କେରଳ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି କେରଳକୁ ଦୁଇଦିନିଆ ଗସ୍ତରେ ଯିବେ । ମାଭେଲିକ୍କରା'ଠାରେ ସନ୍ଧ୍ୟାରେ ବିଦ୍ୟାଧିରାଜା ବିଦ୍ୟାପୀଠମ୍ ସୈନିକ ସ୍କୁଲ୍‌ର ଉଦ୍‌ଘାଟନ କରିବେ । ଶ୍ରୀ ସିଂହ ଅରନ୍‌ମୁଲାର ସୁଗାଥକୁମାରିଠାରେ ଚାଲିଥିବା ନବାତି ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଯୋଗଦେବେ । କୋଚିର ନୌସେନା ଘାଟି ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

## ଇଣ୍ଡୋନେସିଆ ଲ୍ୟାଣ୍ଡସ୍ଲାଇଡ୍

ଇଣ୍ଡୋନେସିଆରେ ଜାଭା ପ୍ରଦେଶ ଅନ୍ତର୍ଗତ ପେକାଲୋଙ୍ଗାନ୍'ଠାରେ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୧୮ରେ ପହଞ୍ଚିଛି । ସ୍ଥାନୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥାର ମୁଖ୍ୟ କହିଛନ୍ତି, ପେଟୁଙ୍ଗ୍‌କ୍ରିୟୋନୋ ଗ୍ରାମରେ ଘଟିଥିବା ଏହି ଭୂସ୍ଖଳନରେ ୯ରୁ ଅଧିକ ଲୋକ ଏବେ ମଧ୍ୟ ନିଖୋଜ ଥିବା ଜଣାପଡ଼ିଛି । ୧୦ ଜଣ ଗୁରୁତର ଆହତଙ୍କୁ ଚିକିତ୍ସାପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । କେତେକ ଯାନବାହନ ଭାସିଯାଇଥିବାବେଳେ ୨ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ଉଦ୍ଧାରକାର୍ଯ୍ୟ ଏଲବେ ମଧ୍ୟ ଜାରି ରହିଛି ।

କ୍ଷତିଗ୍ରସ୍ତ ପରିବାରଙ୍କୁ ଆଶ୍ରୟସ୍ଥଳରେ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

## ୟୁ.ଏସ୍. କ୍ୱାଡ୍ ମିନିଷ୍ଟର୍ସ

ଆମେରିକାର ୱାଶିଙ୍ଗଟନ୍ ଡି.ସି.ଠାରେ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କ୍ୱାଡ୍ ସଦସ୍ୟ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀମାନଙ୍କ ସହ ସାକ୍ଷାତ୍ କରିଛନ୍ତି । ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଜାପାନର ତାକେସି ଇୱାୟା ଏବଂ ଅଷ୍ଟ୍ରେଲିଆର ପେନି ୱାଙ୍ଗ୍'ଙ୍କ ସହ ଶ୍ରୀ ରୁବିଓ ଆଲୋଚନା କରିଛନ୍ତି । ଭାରତ, ଅଷ୍ଟ୍ରେଲିଆ, ଜାପାନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ କୂଟନୈତିକ ଭାଗିଦାରୀ ଏବଂ ବିଭିନ୍ନ କ୍ଷେତ୍ରରେ ସହଯୋଗ ଆଧାରରେ କ୍ୱାଡ୍ ସଙ୍ଗଠନ କାର୍ଯ୍ୟ କରୁଛି । ଶ୍ରୀ ରୁବିଓ ନିଜ କାର୍ଯ୍ୟକାଳର ପ୍ରଥମ ଦିନରେ କ୍ୱାଡ୍ ପ୍ରତିପକ୍ଷଙ୍କୁ ସାକ୍ଷାତ କରି କାର୍ଯ୍ୟ ଆରମ୍ଭ କରିଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍‌ଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗଦେବାପାଇଁ କ୍ୱାଡ୍ ସଦସ୍ୟ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀମାନେ ଏବେ ୱାଶିଙ୍ଗଟନ୍‌ରେ ଅଛନ୍ତି ।

# ମାଣ୍ଡବୀୟ - ରାଉଣ୍ଡଟେବୁଲ୍ ମିଟିଂ

୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପ୍ରତିଯୋଗିତାରେ ଭାରତର ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେବାକୁ ଯୁବ ବ୍ୟାପାର ଓ କ୍ରୀନା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଆହ୍ୱାନ ଦେଇଛନ୍ତି । ଏକ୍ଷେତ୍ରରେ ସୁଶାସନ ନିର୍ଦ୍ଦେଶାବଳୀ ଅନୁଯାୟୀ ପଦକ୍ଷେପ ନେବାକୁ ମନ୍ତ୍ରୀ ଡକ୍ଟର ମାଣ୍ଡବୀୟ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକୁ ଅନୁରୋଧ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ ଶ୍ରୀ ମାଣ୍ଡବୀୟ ଏହା କହିଛନ୍ତି । ଏହି ବୈଠକରେ କ୍ରୀଡ଼ା ଭିତ୍ତିଭୂମି ବିକାଶ, ଯୋଜନା ଏବଂ ଶାସନ ଆଧାରରେ ଇକୋ ସିଷ୍ଟମ୍ ପ୍ରତିଷ୍ଠା ନେଇ ବିସ୍ତୃତ ଆଲୋଚନା ହୋଇଛି । ବ୍ୟାପକ କ୍ରୀଡ଼ା ବିକାଶ ପାଇଁ ସମନ୍ୱିତ ଆଭିମୁଖ୍ୟର ଆବଶ୍ୟକତା ଉପରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାପାଇଁ ସମସ୍ତ ଅଂଶୀଦାରଙ୍କୁ ସମ୍ବଳ ଏବଂ ଆନୁଷଙ୍ଗିକ ପ୍ରୟାସ ନେଇ କାର୍ଯ୍ୟ କରିବାକୁ ଡକ୍ଟର ମାଣ୍ଡବୀୟ ଆହ୍ୱାନ ଦେଇଛନ୍ତି । ଆନ୍ତର୍ଜାତିକ ପ୍ରଦର୍ଶନ ମାଧ୍ୟମରେ ଭାରତୀୟ ପ୍ରଶିକ୍ଷକଙ୍କ ଗୁଣବତ୍ତାରେ ଉନ୍ନତି ଆଣିବା ଉପରେ ଆଲୋକପାତ କରି ଡକ୍ଟର ମାଣ୍ଡବୀୟ କହିଛନ୍ତି, ଏହି ଲକ୍ଷ୍ୟ ହାସଲ କରିବାପାଇଁ ଯୋଜନାବଦ୍ଧ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ।

# ଭାରତ ମୋବିଲିଟି ଏକ୍ସପୋ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋରେ ବିଭିନ୍ନ ପ୍ରକାର ଯାନବାହନ ଦେଶର ନାଗରିକଙ୍କୁ ଆକର୍ଷିତ କରୁଛି । ବିଭିନ୍ନ ପ୍ରାନ୍ତରୁ ଆସିଥିବା ପର୍ଯ୍ୟଟକଙ୍କପାଇଁ ବୈଦ୍ୟୁତିକ ଏବଂ ଭିଣ୍ଟେଜ୍ କାର୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଭବିଷ୍ୟତ୍‌ରେ ବଜାରକୁ ଆସିବାକୁ ଥିବା ନୂତନ ଯାନଗୁଡ଼ିକୁ ମଧ୍ୟ ଏହି ଏକ୍ସପୋରେ ପ୍ରଦର୍ଶନ କରାଯାଉଛି । ଗ୍ଲୋବାଲ୍ ଏକ୍ସପୋ ଆଜି ଉଦ୍‌ଯାପିତ ହେବ ।

# କ୍ରିକେଟ୍ - ଇଣ୍ଡିଆ ଟି-୨୦

ଭାରତ-ଇଂଲଣ୍ଡ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜର ପ୍ରଥମ ମ୍ୟାଚ ଆଜି କୋଲ୍‌କାତାର ଇଡେନ୍ ଗାର୍ଡେ଼ନଠାରେ ସନ୍ଧ୍ୟା ୭ଟାରେ ଖେଳାଯିବ । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳରେ ଦ୍ରୁତ ବୋଲର୍ ମହମ୍ମଦ ଶାମୀ ସାମିଲ୍ ହୋଇଛନ୍ତି । ନଭେମ୍ବର ୨୦୨୩ରେ ଅଷ୍ଟ୍ରେଲିଆ ବିରୋଧରେ ଦିନିକିଆ ଆନ୍ତର୍ଜାତିକ ବିଶ୍ୱକପ୍ ପରେ ଏବେ ଶାମୀ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହାପରେ ଚେନ୍ନାଇ, ରାଜକୋଟ୍, ପୁଣେ ଏବଂ

ମୁମ୍ବାଇଠାରେ ପରବର୍ତ୍ତୀ ଟି-ଟ୍ୱେଣ୍ଟି ମ୍ୟାଚ୍‌ଗୁଡ଼ିକ ଖେଳାଯିବ । ଆସନ୍ତାମାସ ୬ ତାରିଖରୁ ତିନିଟିକିଆ ଦିନିକିଆ ଆନ୍ତର୍ଜାତିକ ସିରିଜ୍ ଆରମ୍ଭ ହେବ ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଗତକାଲି ୟୁପି ରୁଦ୍ରସ୍ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ରୁଦ୍ରସ’ ଟିମ୍ ଗୋନାସିକାକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ୟୁପି ରୁଦ୍ରସ ୮ଟି ମ୍ୟାଚ୍‌ରୁ ୫ଟି ବିଜୟ ସହ ୧୫ ପଏଣ୍ଟ୍ ପାଇ ତାଲିକାର ଶୀର୍ଷ ସ୍ଥାନରେ ରହିଛି । ଅନ୍ୟପକ୍ଷରେ ଟିମ୍ ଗୋନାସିକା ୮ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ୭ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି । ଆଜି ଦିଲ୍ଲୀ ଏସ୍.ଜି. ପାଇପର୍ସର ଏବଂ ସୁର୍‌ମା ହକି କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ଅନ୍ୟପକ୍ଷରେ ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ ସୁର୍‌ମା ହକି କ୍ଲବ୍‌କୁ ପରାସ୍ତ କରିଛି । ରାଞ୍ଚିର ଜୟପାଲ୍ ସିଂହ ମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ୱାରିୟର୍ସ ସୁଟ୍‌ଆଉଟ୍ ଜରିଆରେ ୨-୦ ଗୋଲ୍‌ରେ ବିଜୟ ହାସଲ କରିଛି । ଆଜି ଶ୍ରାଚି ରାଢ ବେଙ୍ଗଲ ଟାଇଗର୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## ଆଇ.ଏସ୍.ଏଲ୍.

ଇଣ୍ଡିଆନ୍ ସୁପର ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଆଜି ଓଡ଼ିଶ ଏଫ୍.ସି. ଏବଂ ବେଙ୍ଗାଲୁରୁ ଏଫ୍.ସି. ମଧ୍ୟରେ ବେଙ୍ଗାଲୁରୁଠାରେ ମ୍ୟାଚ୍ ଅନୁଷ୍ଠିତ ହେବ । ପ୍ରଥମ ରାଉଣ୍ଡ୍‌ରେ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଏଫ୍.ସି. ୪-୨ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍.ସି.କୁ ପରାସ୍ତ କରିଥିଲା । ପ୍ରତିଯୋଗିତାରେ ଓଡ଼ିଶା ଏଫ୍.ସି. ଏପର୍ଯ୍ୟନ୍ତ ୧୬ଟି ମ୍ୟାଚ୍‌ରୁ ୫ଟି ବିଜୟ ସହ ୨୧ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଥିବାବେଳେ ବେଙ୍ଗାଲୁରୁ ଏଫ୍.ସି. ୧୬ଟି ମ୍ୟାଚ୍‌ରୁ ୮ଟି ବିଜୟ ସହ ୨୮ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି ।

*****